# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**2nd May - 2025**

**News Editor : Tapan Kumar Maharana**

*********************************

## ମୁଖ୍ୟ ସମ୍ବାଦ

- ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ନବସୃଜନ ସହାୟକ ହୋଇପାରିବ; ୱେଭ୍‌ସ୍ ସମ୍ମିଳନୀରେ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ଗୁରୁତ୍ୱାରୋପ
- ଚଳିତବର୍ଷର ମାଟ୍ରିକ୍ ପରୀକ୍ଷାଫଳ ଆଜି ଅପରାହ୍ଣରେ ପ୍ରକାଶ ପାଇବ
- ଓଡ଼ିଶା ହାଇକୋର୍ଟର ପରବର୍ତ୍ତୀ ମୁଖ୍ୟ ବିଚାରପତି ହେବେ ବିଚାରପତି ଜଷ୍ଟିସ୍ ଦୀକ୍ଷିତ୍ କ୍ରିଷ୍ଣା ଶ୍ରୀପଦ୍
- ୯୬୫ଟି ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ୨୦ଟି ଜିଲ୍ଲାରୁ ୧୪ ଲକ୍ଷ ମେଟ୍ରିକ୍ ଟନ୍ ରବି ଧାନ ସଂଗ୍ରହ ପାଇଁ ସରକାରଙ୍କ ଲକ୍ଷ୍ୟ

ଏବଂ

- ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଚାଲିଛି ଅନ୍‌ଲାଇନ୍ ପଞ୍ଜୀକରଣ

## ୱେଭ୍ସ୍

ପ୍ରଯୁକ୍ତିବିଦ୍ୟା ଓ ପରମ୍ପରା ଉଭୟ ପରସ୍ପର ସହ ତାଳଦେଇ ଚାଲିବା ଜରୁରୀ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର କହିଛନ୍ତି। ବିଶ୍ୱ ଦୃଶ୍ୟ, ଶ୍ରାବ୍ୟ ଓ ମନୋରଞ୍ଜନ ଶିଖର ସମ୍ମିଳନୀ-ୱେଭ୍ସ୍ ୨୦୨୫ର ଦ୍ୱିତୀୟ ଦିନରେ ଆଜି ଆୟୋଜିତ ବୈଶ୍ୱିକ ଗଣମାଧ୍ୟମ ସମ୍ବାଦ ଅଧିବେଶନରେ ଶ୍ରୀ ଜୟଶଙ୍କର ପ୍ରଯୁକ୍ତି ବିଦ୍ୟାର ଉଦ୍ଭାବନ ଓ ଏହାର ସାମାଜିକ ପ୍ରଭାବର ବିଭିନ୍ନ ଦୃଷ୍ଟିକୋଣ ଉପରେ ଆଲୋଚନା କରିଛନ୍ତି। ପ୍ରଯୁକ୍ତିବିଦ୍ୟାର ଦାୟିତ୍ୱପୂର୍ଣ୍ଣ ଉପଯୋଗ ଉପରେ ଗୁରୁତ୍ୱାରୋପ କରିବା ସହ ଯୁବବର୍ଗଙ୍କ ମଧ୍ୟରେ ଦେଶର ବିଶାଳ ଐତିହ୍ୟ ପ୍ରତି ସଚେତନତା ବୃଦ୍ଧି ପାଇଁ ଶ୍ରୀ ଜୟଶଙ୍କର ଆହ୍ୱାନ ଦେଇଛନ୍ତି। ଦେଶର ସମୃଦ୍ଧ ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ସୃଜନଶୀଳତା ଉପରେ ପ୍ରାଧାନ୍ୟ ଦେବାର ଆବଶ୍ୟକତା ରହିଛି। ନବସୃଜନ ଦ୍ୱାରା ହିଁ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ପୂରଣ ସମ୍ଭବପର ହୋଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଜୟଶଙ୍କର କହିଛନ୍ତି।

ଅଧିବେଶନରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗଦେଇ କହିଛନ୍ତି, ସମସ୍ତଙ୍କୁ ନିଜର କାହାଣୀକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିବା ପାଇଁ ବ୍ୟାପକ ସୁଯୋଗ ମିଳିବା ଦରକାର। ସଂସ୍କୃତି ସୃଜନଶୀଳତାକୁ ପ୍ରେରଣା ଯୋଗାଇଥାଏ, ଯାହା ବିଶ୍ୱସମୂହକୁ ଏକତା ସୂତ୍ରରେ ବାନ୍ଧିରଖିଥାଏ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

ପ୍ରଯୁକ୍ତିଚାଳିତ ଶତାବ୍ଦୀରେ ମାନବକୁ ସମ୍ବେଦନଶୀଳ କରିବାକୁ ହେଲେ ସଂଗୀତ, କଳା ଓ ନୃତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ଉଦ୍‌ଘାଟିନୀ ସମାରୋହରେ କହିଥିଲେ। ପ୍ରଥମ ବିଶ୍ୱ ଦୃଶ୍ୟ-ଶ୍ରାବ୍ୟ ଓ ମନୋରଞ୍ଜନ ଶିଖର ସମ୍ମିଳନୀ– ୱେଭ୍‌ସ-୨୦୨୫ର ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଥିଲେ, ୱେଭ୍‌ସ୍ ଏକ ସଂକ୍ଷିପ୍ତ ଶବ୍ଦ ନୁହେଁ, ବରଂ ଏହା ସଂସ୍କୃତି, ସୃଜନଶୀଳତା ଏବଂ ସାର୍ବଜନୀନ ସଂଯୋଗର ଏକ ଲହରୀ। ବର୍ତ୍ତମାନ ନବସୃଜନ, ବିଷୟବସ୍ତୁ ଏବଂ ସଂସ୍କୃତି ମାଧ୍ୟମରେ ନାରଙ୍ଗୀ ଅର୍ଥନୀତିର ଉଦୟ ହୋଇଛି। ଏହା ମାଧ୍ୟମରେ ଭାରତର କଳା, ସଂସ୍କୃତି ଏବଂ ସିନେମା ବିଶ୍ୱର କୋଣ-ଅନୁକୋଣରେ ପହଞ୍ଚି ପାରୁଛି।

**-V/O-***(PM)*

ସମ୍ମିଳନୀର ଦ୍ୱିତୀୟ ଦିନରେ ଆଜି ସିନେମା, ରେଡିଓ, କାହାଣୀ କଥନ ଆଦି ବିଷୟବସ୍ତୁକୁ ନେଇ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନାଚକ୍ର ଚାଲିଛି। ମୁମ୍ବାଇର ଜିଓ ୱାର୍ଲ୍ଡ କନ୍‌ଭେନ୍‌ସନ୍ ସେଣ୍ଟରରେ ଚାଲିଥିବା ୱେଭ୍‌ସ୍ ସମ୍ମିଳନୀ ଆସନ୍ତା ରବିବାର ପର୍ଯ୍ୟନ୍ତ ଚାଲିବ। ୧୦୦ ରୁ ଅଧିକ ଦେଶର କଳାକାର ନବସୃଜନକାରୀ, ନିବେଶକ ଏବଂ ନୀତି ନିର୍ଦ୍ଧାରକମାନେ ଗୋଟିଏ ସ୍ଥାନରେ ଏକାଠି ହୋଇଥିବାରୁ ଏହି ସମ୍ମିଳନୀ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରୁଛି ।

# ମାଟ୍ରିକ୍ ପରୀକ୍ଷା ଫଳ

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ଫଳ ଆଜି ଅପରାହ୍ଣ ୪ଟାରେ ପ୍ରକାଶ ପାଇବ। ଏଥିସହିତ ରାଜ୍ୟ ମୁକ୍ତ ବିଦ୍ୟାଳୟ ଏବଂ

ମଧ୍ୟମା ପରୀକ୍ଷା ଫଳ ପ୍ରକାଶ ପାଇବ। ସନ୍ଧ୍ୟା ୬ଟା ପରେ ବୋର୍ଡ଼ର ୱେବ୍‌ସାଇଟ୍ www.bseodisha.ac.inରେ ପରୀକ୍ଷା ଫଳ ଉପଲବ୍ଧ ହେବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି । ପରୀକ୍ଷାର୍ଥୀମାନେ ନିଜ ରୋଲ୍ ନମ୍ବର ଏବଂ ଜନ୍ମ ତାରିଖ ବ୍ୟବହାର କରି ୱେବ୍‌ସାଇଟ୍‌ରେ ଫଳାଫଳ ଯାଞ୍ଚ କରିପାରିବେ। ଏ ସମ୍ପର୍କରେ ବୋର୍ଡ କର୍ତ୍ତୃପକ୍ଷ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି...

**-V/O-**

ଚଳିତ ବର୍ଷ ୩ ହଜାର ୧୩୩ଟି ପରୀକ୍ଷା କେନ୍ଦ୍ରରେ ୫ ଲକ୍ଷ ୧୦ ହଜାର ୭୭୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଗତ ମାର୍ଚ୍ଚ ମାସ ୧୯ ତାରିଖରୁ ମାଟ୍ରିକ୍ ଖାତାଦେଖା ଆରମ୍ଭ ହୋଇଥିଲା। ପରୀକ୍ଷା ଖାତା ମୂଲ୍ୟାଙ୍କନ ପାଇଁ ୩୦ଟି ଜିଲ୍ଲାରେ ୩ ହଜାର ୧୩୩ଟି କେନ୍ଦ୍ର ସହ ୩୧୪ଟି ନୋଡାଲ ସେଣ୍ଟର ବ୍ୟବସ୍ଥା କରାଯାଇଥିଲା।

## ବିଚାରପତି ନିଯୁକ୍ତ

ବିଚାରପତି ଜଷ୍ଟିସ୍ ଦୀକ୍ଷିତ୍ କ୍ରିଷ୍ଣା ଶ୍ରୀପଦଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତ କରାଯାଇଛି। ଏ ନେଇ ଆଇନ୍ ଓ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜଷ୍ଟିସ୍ ଶ୍ରୀପଦ୍ ବର୍ତ୍ତମାନ କର୍ଣ୍ଣାଟକ ହାଇକୋର୍ଟର ବିଚାରପତି ଭାବେ କାର୍ଯ୍ୟରତ ଅଛନ୍ତି। ସୁପ୍ରିମ୍‌କୋର୍ଟ କଲେଜିୟମ୍ ଜଷ୍ଟିସ୍ ଶ୍ରୀପଦ୍‌ଙ୍କୁ ଓଡ଼ିଶା ହାଇକୋର୍ଟକୁ ବଦଳି ପାଇଁ ସୁପାରିଶ କରିଥିଲେ।

## ନେପାଳୀ ଛାତ୍ରୀମୃତ୍ୟୁ

ଭୁବନେଶ୍ୱରସ୍ଥିତ ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ନେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଛି। ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇ ମନ୍ତ୍ରଣାଳୟ କହିଛି, ଏହି ଘଟଣା ସଂପର୍କରେ ଅବଗତ ହେବା ପରେ ଓଡ଼ିଶା ସରକାରଙ୍କ ସହ ଯୋଗାଯୋଗ କରାଯାଇଛି । ମୃତକଙ୍କ ପରିବାରକୁ ଓଡ଼ିଶା ସରକାର ସଂପୂର୍ଣ୍ଣ ସହଯୋଗ କରିବା ସହ ଓଡ଼ିଶା ପୋଲିସ୍ ପକ୍ଷରୁ ଏହି ଘଟଣାର ତଦନ୍ତ କରାଯାଉଛି ବୋଲି ମନ୍ତ୍ରଣାଳୟ କହିଛି। କେନ୍ଦ୍ର ସରକାର ସମସ୍ତ ଆନ୍ତର୍ଜାତିକ ଛାତ୍ରଛାତ୍ରୀଙ୍କ ସୁରକ୍ଷା, ନିରାପତ୍ତା ଓ କଲ୍ୟାଣକୁ ଗମ୍ଭୀରତାର ସହ ନେଉଛନ୍ତି ବୋଲି ମନ୍ତ୍ରଣାଳୟ କହିଛି । ନେପାଳ କର୍ତ୍ତୃପକ୍ଷ, ଓଡ଼ିଶା ସରକାର ଏବଂ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯାଇ ଘଟଣାର ତଦନ୍ତ କରାଯାଉଛି ବୋଲି ବୈଦେଶିକ ମନ୍ତ୍ରଣାଳୟ କର୍ତ୍ତୃପକ୍ଷ କହିଛନ୍ତି ।

## ରବିଧାନ ସଂଗ୍ରହ

ଚଳିତ ରବିଋତୁରେ ୨୦ଟି ଜିଲ୍ଲାରୁ ୧୪ ଲକ୍ଷ ମେଟ୍ରିକ୍‌ଟନ୍ ଧାନ କ୍ରୟ ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି। ମୋଟ୍ ୯୬୫ଟି ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ଧାନ କ୍ରୟ କରାଯିବ। ରବିଋତୁ ଧାନ କିଣା ନେଇ ହୋଇଥିବା ଆନ୍ତଃ ମନ୍ତ୍ରୀସ୍ତରୀୟ ବୈଠକରୁ ମିଳିଥିବା ସୂଚନା ଅନୁସାରେ, ଆସନ୍ତା ଜୁନ୍

ମାସ ୩୦ ତାରିଖ ପର୍ଯ୍ୟନ୍ତ ଧାନ କିଣା ପ୍ରକ୍ରିୟା ଜାରି ରହିବ। ଧାନ ବିକ୍ରୟ ପାଇଁ ପ୍ରାୟ ୩ ଲକ୍ଷ ୩୭ ହଜାର ଚାଷୀ ପଞ୍ଜୀକରଣ କରିଥିବା ଜଣାପଡିଛି। ପ୍ରତ୍ୟେକ ମଣ୍ଡିରେ କ୍ୟାମେରା ସହ ନୋଡାଲ ଅଫିସର ଓ ସୁପର ଭାଇଜର ନିଯୁକ୍ତି ପାଇଁ ବିଭାଗୀୟ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନିର୍ଦ୍ଦେଶ ଦେଇଛନ୍ତି। ଖରିଫ୍ ଭଳି ଚଳିତ ରବି ଋତୁରେ ମଧ୍ୟ ଧାନ କୁଇଣ୍ଟାଲ୍ ପିଛା ୨ ହଜାର ୩୦୦ ଟଙ୍କା ଓ ଇନ୍‌ପୁଟ୍ ସହାୟତା ବାବଦକୁ ୮୦୦ ଟଙ୍କା ଧାନକ୍ରୟର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟ୍‌କୁ ସିଧାସଳଖ ପ୍ରଦାନ କରାଯିବ ବୋଲି ବୈଠକରୁ ଜଣାପଡ଼ିଛି। ଏହାସହ ଚାଷୀମାନେ ଧାନବିକ୍ରୟ ସମୟରେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ୧-୯-୬-୭ ନମ୍ବରକୁ ଯୋଗାଯୋଗ କରିପାରିବେ।

## ସକ୍ଷମା

ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ସହ ଜଡିତ ବିଭିନ୍ନ ପ୍ରସଙ୍ଗ ଏବଂ ସେମାନଙ୍କ ଅନ୍ତର୍ଭୁକ୍ତୀକରଣକୁ ନେଇ ଭୁବନେଶ୍ୱରସ୍ଥିତ ଭିନ୍ନକ୍ଷମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ 'ସକ୍ଷମା : ଏକ ଦକ୍ଷତା ଆଲୋଚନା' ଶୀର୍ଷକ ଉପରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ନିର୍ଦ୍ଦେଶକ ନିୟତି ପଟ୍ଟନାୟକ ଆଲୋଚନା କରିଛନ୍ତି। ଦିବ୍ୟାଙ୍ଗମାନଙ୍କ ବିକାଶରେ ପ୍ରତିବନ୍ଧକ ସାଜୁଥିବା ବିଭିନ୍ନ ସମସ୍ୟା ଉପରେ ଶ୍ରୀମତୀ ପଟ୍ଟନାୟକ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ବିଭିନ୍ନ ବର୍ଗର ଦିବ୍ୟାଙ୍ଗ, ସ୍ୱେଚ୍ଛାସେବୀ ସଂଗଠନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ପ୍ରଶାସନିକ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

## ଯୁଗ୍ମ ଅଭିଯୋଗ ଶୁଣାଣି

ରାଜ୍ୟର ସମସ୍ତ ଜିଲ୍ଲାରେ ଆସନ୍ତା ୫ ତାରିଖ ସୋମବାର ଦିନ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଏଥିପାଇଁ ଆଜିଠାରୁ ଅନ୍‌ଲାଇନ୍ ପଞ୍ଜୀକରଣ ଆରମ୍ଭ ହୋଇଛି। **janasunani.odisha.gov.in** (ଜନଶୁଣାଣି ଡଟ୍ ଓଡ଼ିଶା ଡଟ୍ ଜିଓଭି ଡଟ୍ ଇନ୍) ପୋର୍ଟାଲ ମାଧ୍ୟମରେ ଜନସାଧାରଣ ନିଜ ଅଭିଯୋଗ ପଞ୍ଜୀକରଣ କରିପାରୁଛନ୍ତି। ଅଣପଞ୍ଜୀକୃତ ଆବେଦନକାରୀଙ୍କ ଅଭିଯୋଗପତ୍ରଗୁଡ଼ିକ ମଧ୍ୟ ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି।

**ପୁରୀ** ଜିଲ୍ଲା ଡେଲାଙ୍ଗ ବ୍ଲକ୍ ପରିସରରେ ଆସନ୍ତା ସୋମବାର ଦିନ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହା ସହ ୧୩ ତାରିଖରେ ଜିଲ୍ଲା ସଦର ମହକୁମା, ୧୯ ତାରିଖରେ ଗୋପ ବ୍ଲକ୍ ପରିସର ଓ ୨୬ ତାରିଖରେ ଜିଲ୍ଲା ସଦର ମହକୁମାରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

## କେଦାରନାଥ

ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଜିଲ୍ଲାରେ ଥିବା କେଦାରନାଥ ଧାମ୍‌ର ଦ୍ୱାର ଆଜି ସକାଳୁ ଶ୍ରଦ୍ଧାଳୁଙ୍କ ପାଇଁ ଖୋଲାଯାଇଛି । ବୈଦିକ ମନ୍ତ୍ର ଓ ସ୍ୱତନ୍ତ୍ର

ରୀତିନୀତି ମଧ୍ୟରେ ଏହି ଦିବ୍ୟ ମୁହୂର୍ତ୍ତକୁ ଦେଖିବା ପାଇଁ ଦେଶ ବିଦେଶରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ପରିଲକ୍ଷିତ ହୋଇଛି । ଭକ୍ତି, ବିଶ୍ୱାସ ଏବଂ ଶ୍ରଦ୍ଧାର ସହ କେଦାରନାଥ ପବିତ୍ର ଉପତ୍ୟକା ଆଧ୍ୟାତ୍ମିକ ଉତ୍ସାହରେ ଗୁଞ୍ଜରିତ ହୋଇଛି ।

## ପରଲୋକ

ଆକାଶବାଣୀ, କଟକ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ତଥା ପ୍ରଖ୍ୟାତ ନାଟ୍ୟକାର, ନାଟ୍ୟ ପ୍ରଯୋଜକ ରମାପଦ ନନ୍ଦଙ୍କ ଗତକାଲି ରାତିରେ ପରଲୋକ ହୋଇଛି। ଜାତୀୟ ଏବଂ ଅର୍ନ୍ତଜାତୀୟ ସ୍ତରରେ ବେତାର ପ୍ରଯୋଜନା ଓ ରଚନା ପାଇଁ ସ୍ୱର୍ଗତଃ ନନ୍ଦ ଅନେକ ପୁରସ୍କାର ପାଇଥିଲେ। ତାଙ୍କ ବିୟୋଗରେ ସ୍ରୋତା ଓ କଳାକାରଙ୍କ ମଧରେ ଶୋକର ଛାୟା ଖେଳିଯାଇଛି।

## ପାଣିପାଗ

ରାଜ୍ୟରେ କାଳବୈଶାଖୀର ପ୍ରଭାବରେ ତାପମାତ୍ରା ହ୍ରାସ ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, ସୁନ୍ଦରଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବିଜୁଳି ଘଡଘଡି ସହ ଅତି ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି।